# ଆଶଙ୍କାରେ ୪୦ ପାଇଲଟ ପ୍ରଶିକ୍ଷାର୍ଥୀଙ୍କ ଭବିଷ୍ୟତ

## ୨ ଲାଇଟ୍ ସ୍ପୋର୍ଟ୍ସ ଏରୋପ୍ଲେନ୍‌ର ଉଡ଼ାଣ ବାତିଲ

କାମାକ୍ଷାନଗର,(ସୁଧୀର କୁମାର ପରିଡ଼ା)/ ଢେଙ୍କାନାଳ, ୩।୩ (ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡର କଙ୍କଡ଼ାହାଡ଼ ବ୍ଲକ ବିରାଶାଳସ୍ଥିତ ସରକାରୀ ବିମାନ ଉଡ଼ାଣ ପ୍ରଶିକ୍ଷଣ କେନ୍ଦ୍ରରେ ୨ ବର୍ଷ ହେଲା ପାଇଲଟ ଟ୍ରେନିଂ ନେଉଥିବା ୪୦ ଟ୍ରେନି ପାଇଲଟଙ୍କ ଭବିଷ୍ୟତକୁ ନେଇ ଆଶା ଆଶଙ୍କା ସୃଷ୍ଟି ହୋଇଛି। ଏହି ପ୍ରଶିକ୍ଷାର୍ଥୀମାନେ ଯେଉଁ ୨ଟି ଏୟାରକ୍ରାଫ୍ଟରେ ୨ ବର୍ଷ ଧରି ପ୍ରଶିକ୍ଷଣ ନେଉଛନ୍ତି ତାହା ଲାଇଟ ସ୍ପୋର୍ଟ୍ସ ଏରୋପ୍ଲେନ୍ ହୋଇଥିବାରୁ ପ୍ରଶିକ୍ଷଣ ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ଡାଇରେକ୍ଟର ଜେନେରାଲ ଅଫ୍ ସିଭିଲ ଆଭିଏଶନ (ଡିଜିସିଏ) ଚିଠି କରିବା ପରେ ପ୍ରଶିକ୍ଷାର୍ଥୀଙ୍କ ଭବିଷ୍ୟତ ସହ ଖେଳ ଖେଳା ଯାଇଥିବା ରବିବାର ଟ୍ରେନି ପାଇଲଟମାନେ ଅଭିଯୋଗ କରିଛନ୍ତି।

ଟ୍ରେନି ପାଇଲଟମାନେ କହିଛନ୍ତି, ବିରାଶାଳ ଏୟାରଷ୍ଟ୍ରିପରେ ୪ ଗୋଟି ଅତ୍ୟାଧୁନିକ ଏୟାରକ୍ରାଫ୍ଟ ରହିଛି। ସେଥିମଧ୍ୟରୁ ୨ଟି ଏୟାରକ୍ରାଫ୍ଟ ନୂତନ ମଡେଲର। କିନ୍ତୁ ଡିଜିସିଏ ଚିଠି ସମସ୍ତଙ୍କୁ ଚକିତ କରିଛି। ଯେଉଁ ୨ଟି ଏୟାରକ୍ରାଫ୍ଟରେ ସେମାନେ ଟ୍ରେନିଂ ନେଉଛନ୍ତି, ସେହି ଏୟାରକ୍ରାଫ୍ଟ ଡିଜିସିଏଙ୍କ ଗାଇଡଲାଇନ ଅନୁଯାୟୀ ଲାଇଟ ସ୍ପୋର୍ଟ୍ସ ଏରୋପ୍ଲେନ। ତେଣୁ ତାହା ପ୍ରଶିକ୍ଷଣ ନେବା ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ଗତ ୨୬ ତାରିଖରେ ନୋଟିସ ଆସିଛି। ଉକ୍ତ ନୋଟିସ ଅନୁଯାୟୀ ଏହି ୨ଟି ଏୟାରକ୍ରାଫ୍ଟରେ ଟ୍ରେନିଂ ନେବା ପାଇଁ ସମ୍ପୂର୍ଣ୍ଣ ମନା କରାଯାଇଛି। ଫଳରେ ସମ୍ପୃକ୍ତ ଏୟାରକ୍ରାଫ୍ଟରେ ଟ୍ରେନିଂ ନେଉଥିବା ପ୍ରଶିକ୍ଷାର୍ଥୀମାନେ ଲାଇସେନ୍ସ ପାଇ ପାରିବେନାହିଁ। ଏହାକୁ ନେଇ ଏବେ ଟ୍ରେନି ପାଇଲଟମାନେ ଚିନ୍ତାରେ ପଡ଼ିଛନ୍ତି। ଏହି ୨ ବର୍ଷର ପ୍ରଶିକ୍ଷଣ ମଧ୍ୟରେ ଟ୍ରେନି ପାଇଲଟମାନେ ଶହେ ଘଣ୍ଟାରୁ ଅଧିକ ଉଡ଼ାଣ ଭରି ସାରିଛନ୍ତି ଏବଂ ଏ ବାବଦକୁ ପ୍ରାୟ ୨୫ ରୁ ୪୦ ଲକ୍ଷ ଟଙ୍କା ବ୍ୟୟ କରିସାରିଛନ୍ତି। ତେଣୁ ସେମାନଙ୍କ ସମୟ ଅପଚୟ ସାଙ୍ଗକୁ ଖର୍ଚ୍ଚ ହୋଇଥିବା ଅର୍ଥର ଭରଣା କରିବ କିଏ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏଥିସହ ଆରମ୍ଭରୁ ଏହି ଏୟାରକ୍ରାଫ୍ଟକୁ କାହିଁକି ବାତିଲ କରାଗଲା ନାହିଁ। ଏ ନେଇ ସେମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ପ୍ରଶିକ୍ଷାର୍ଥୀମାନେ କହିଛନ୍ତି। ଅଭିଯୋଗ ସମ୍ପର୍କରେ ବିମାନ ପ୍ରଶିକ୍ଷଣ ଦେଉଥିବା ସଂସ୍ଥାର ପ୍ରତିକ୍ରିୟା ମିଳିପାରି ନ ଥିବା ବେଳେ ଢେଙ୍କାନାଳ ଜିଲାପାଳ ମନୋରଞ୍ଜନ ମଲ୍ଲିକ କହିଛନ୍ତି, ପ୍ରଶାସନ ନିକଟରେ ଲିଖିତ ଭାବେ କୌଣସି ଅଭିଯୋଗ ପହଞ୍ଚିନାହିଁ। ବିଭିନ୍ନ ଗଣମାଧ୍ୟମରୁ ଏ ନେଇ ଯାହା କିଛି ଜାଣିବାକୁ ମିଳୁଛି।


ବିରାଶାଳସ୍ଥିତ ସରକାରୀ ବିମାନ ଉଡ଼ାଣ ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷାର୍ଥୀମାନେ।

# କାନପୁରାରେ ଜଳିଗଲା ୩ ବଖରା

କାମାକ୍ଷାନଗର,୩।୩(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା କାନପୁରା ଗାଁରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଜଳି ଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। କାନପୁରା ଗାଁର ଦାଶରଥୀ ପ୍ରଧାନଙ୍କ ପରିବାର ଲୋକେ ବିଳମ୍ବିତ ରାତିରେ ଘରେ ଶୋଇଥିବାବେଳେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଧାନ, ଚାଉଳ ସହିତ ସମସ୍ତ ଆସବାବପତ୍ର ପୋଡିଯାଇଛି। କାମାକ୍ଷାନଗର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବାବେଳେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ତୁରନ୍ତ ଅଗ୍ନିବିପନ୍ନ ପରିବାର ଲୋକଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



# ପ୍ରତିଶୋଧ ପାଇଁ ହତ୍ୟା ସନ୍ଦେହ

## ଜସ୍ମିନ୍ ହତ୍ୟା ମାମଲା

ଢେଙ୍କାନାଳ,୩।୩(ରତନ ନାୟାର)

ଢେଙ୍କାନାଳ ସଦର ଥାନା ମଜୁରି ଗ୍ରାମର ଲୁଗା ଦୋକାନୀ ଜଳନ୍ଧର ସାହୁଙ୍କ ଏକମାତ୍ର କନ୍ୟା ତଥା ଢେଙ୍କାନାଳ ମହିଳା ଜୁନିୟର କଲେଜର ଯୁକ୍ତ୨ ପ୍ରଥମବର୍ଷ ବିଜ୍ଞାନ ଛାତ୍ରୀ ଜସ୍ମିନ୍ ସାହୁ(୧୬)ଙ୍କ ହତ୍ୟାକାଣ୍ଡକୁ ରବିବାର ୩ଦିନ ପୂରିଛି। ହେଲେ ଏଯାଏ ପୋଲିସ ଅପରାଧୀଙ୍କୁ ସର୍ବସମ୍ମୁଖକୁ ଆଣିପାରି ନାହିଁ। ଏ ଦିଗରେ ତନାଘନା ତଦନ୍ତ ଚାଲିଥିବା ଓ ପୋଲିସ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ସୂଚନା ମିଳିଛି। ସୋମବାର ଜସ୍ମିନ ହତ୍ୟା ରହସ୍ୟ ଉପରୁ ପର୍ଦ୍ଦା ଉଠିବ ବୋଲି ଜଣାପଡିଛି। ଏହି ଘଟଣାରେ ପ୍ରମୁଖ ଅଭିଯୁକ୍ତଙ୍କ ସମେତ ୩ଜଣ ସହଯୋଗୀ ପୋଲିସ ହେପାଜତରେ ରହିଥିବା କୁହାଯାଉଛି। ଅଭିଯୁକ୍ତମାନେ ଜଳନ୍ଧରଙ୍କ ପଡୋଶୀ ଓ ସମ୍ପର୍କୀୟ ବୋଲି ଆଲୋଚନା ହେଉଛି। ଘଟଣାର ପ୍ରମୁଖ ଅଭିଯୁକ୍ତ ଜସ୍ମିନଙ୍କୁ ଗୁରୁବାର ସନ୍ଧ୍ୟାରେ ବାଇକ୍‌ରେ ବସାଇ ଆଣିଥିବା କୁହାଯାଉଛି। ତେବେ ଜସ୍ମିନଙ୍କ



ମୃତଦେହ ପଡିଥିବା ସ୍ଥାନ ସମ୍ପର୍କରେ ଜାଣି ଖବର ଦେଇଥିବା ସମ୍ପର୍କୀୟ କିପରି ଏହା ଜାଣିଲେ ସେ ନେଇ ପୋଲିସ ଛାନଭିନ ଜାରି ରଖିଛି। ଜମି ବିବାଦ ଓ ପୂର୍ବ ଶତ୍ରୁତାକୁ ନେଇ ପ୍ରତିଶୋଧ ପରାୟଣ ହୋଇ ଏହି ଘଟଣା ଘଟିଥିବା ସହରରେ ଆଲୋଚନା ହେଉଛି। ଘଟଣା ସମ୍ପର୍କରେ କୌଣସି ମତାମତ ଦେବା ପାଇଁ ପୋଲିସ ମନା କରିଛି। ତେବେ ଠିକ୍ ସମୟରେ ଖବରଦାତା ସମ୍ମିଳନୀ ମାଧ୍ୟମରେ ଘଟଣା ସମ୍ପର୍କରେ ସୂଚନା ଦିଆଯିବ ବୋଲି ପୋଲିସ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି।

# ଉତ୍କଳ ସମାଜରୁ ଏମ୍‌ପି ପ୍ରାର୍ଥୀ ହେବେ ସ୍ୱପ୍ନାରାଣୀ

ଢେଙ୍କାନାଳ,୩।୩(ରତନ ନାୟାର)

ଆସନ୍ତା ସାଧାରଣ ନିର୍ବାଚନରେ ରାଜ୍ୟର ସମସ୍ତ ଉପକୂଳବର୍ତ୍ତୀ ଜିଲା ସମେତ ୧୩ଟି ଜିଲାର ସଂସଦୀୟ କ୍ଷେତ୍ର ଓ ବିଧାନସଭା ପାଇଁ ନୂତନ ଆଞ୍ଚଳିକ ଦଳ ଉତ୍କଳ ସମାଜ ପ୍ରାର୍ଥୀ ଦେବା ପାଇଁ ନିଷ୍ପତ୍ତି ନେଇଛି। ଏ ସଂକ୍ରାନ୍ତରେ ରବିବାର ମଧ୍ୟାହ୍ନରେ ଢେଙ୍କାନାଳ ବଳରାମ ମନ୍ଦିର ପରିସରରେ ଦଳର ଅନୁଷ୍ଠିତ ଏକ ବୈଠକରେ ସାଧାରଣ ସମ୍ପାଦକ ଡ. ଭାସ୍କର ଜେନା ଘୋଷଣା କରିଛନ୍ତି। ସେହିପରି ଢେଙ୍କାନାଳ ଲୋକ ସଭା ଆସନରୁ ସାମାଜିକ କର୍ମୀ ସ୍ୱପ୍ନାରାଣୀ ଜେନ୍ସ ପ୍ରାର୍ଥୀ ହେବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ମାନବ ସମ୍ବଳର ବିକାଶ ପାଇଁ ପ୍ରାକୃତିକ ସମ୍ବଳର ବିନିଯୋଗ କରି ସମୃଦ୍ଧିଶାଳୀ ଓଡ଼ିଶା ଗଠନ ଦଳର ମୁଖ୍ୟ ଆଭିମୁଖ୍ୟ ବୋଲି କୁହାଯାଇଛି। ନିର୍ମଳ ଭାବମୂର୍ତ୍ତି ସହ ସାଧାରଣ ଲୋକଙ୍କ ସମସ୍ୟା ସହିତ ଯୋଡି ରହିଥିବା ବ୍ୟକ୍ତିଙ୍କୁ ଦଳ ପ୍ରାର୍ଥୀ କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଦୁର୍ନୀତି ଓ ଶୋଷଣ ବିରୋଧି ବାର୍ତ୍ତା ନେଇ ଲୋକଙ୍କ ପାଖକୁ ଯିବୁ ବୋଲି ବୈଠକରେ ଉପସ୍ଥିତ ସ୍ୱପ୍ନାରାଣୀ ଜେନ୍ସ ସୂଚନା ଦେଇଛନ୍ତି। ବୈଠକରେ ଦଳର ସାଙ୍ଗଠନିକ ସମ୍ପାଦକ ରାମେଶ୍ୱର ମାଇତି, ଜିଲା ସମ୍ପାଦକ ଉମାକାନ୍ତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।



ଉତ୍କଳ ସମାଜ ପକ୍ଷରୁ କର୍ମୀ ସମ୍ମିଳନୀ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ରାସୋଳ,୩।୩(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଭଗବାନପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ମିଶ୍ରଙ୍କ ହୃଦ୍‌ଘାତରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୭୬ ବର୍ଷ ହୋଇଥିଲା। ସେ ରାସୋଳ ହାଇସ୍କୁଲରେ ଇଂଲିଶ ଶିକ୍ଷକ ଭାବେ ଶିକ୍ଷକତା କରି ଅବସର ଗ୍ରହଣ କରିଥିଲେ। ଜ୍ୟୋତିଷଶାସ୍ତ୍ର, ବେଦପାଠ ଓ କର୍ମକାଣ୍ଡ ଉପରେ ତାଙ୍କର ଦକ୍ଷତା ଥିବାରୁ ସେ ଅଞ୍ଚଳରେ ଅତି ପରିଚିତ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମରଶରୀର ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଗ୍ରାମରେ ଏକ ଶୋଭାଯାତ୍ରାରେ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା।

# ‘ଭାଜପାକୁ ସଶକ୍ତ କରିବା ଉଦ୍ୟମ ଜାରି ରହିବ’

ଢେଙ୍କାନାଳ,୩।୩(ରତନ ନାୟାର)

ଭାରତୀୟ ଜନତା ପାର୍ଟିରେ ଯୋଗଦେବା ପରେ ପୂର୍ବତନ ବିଧାୟକ ନବୀନ ନନ୍ଦ ଢେଙ୍କାନାଳରେ ଦଳକୁ ସଶକ୍ତ କରିବା ପାଇଁ ଉଦ୍ୟମ ଜାରି ରହିବ ବୋଲି ରବିବାର କହିଛନ୍ତି। ଏହି ଅବସରରେ ପୂର୍ବତନ ବିଧାୟକ କହିଲେ, ସମାଜର ତଳସ୍ତରରୁ ରାଜନୀତି ଆରମ୍ଭ କରି ସରପଞ୍ଚ ଠାରୁ ଆରମ୍ଭ କରି ଦୁଇଥର ବିଧାୟକ ହୋଇଛି। ରାଜନୀତିରେ ବିଜୁ ପଟ୍ଟନାୟକ ମୋର ଗୁରୁ। ଗଡଜାତ ଗାନ୍ଧୀ ସାରଙ୍ଗଧର ଦାସ ମୋର ଆଦର୍ଶ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତର ସ୍ୱପ୍ନ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିଚାରଧାରାରେ ଆକୃଷ୍ଟ ହୋଇ ଗତ ୨୯ ତାରିଖରେ ଭାଜପାର ସଦସ୍ୟତା ଗ୍ରହଣ କରିଛି। ଢେଙ୍କାନାଳର ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମକୁ ସାରା ଭାରତବର୍ଷରେ ପରିଚୟ ଦେବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମ ଓ ଢେଙ୍କାନାଳର ପ୍ରଥମ ଏମ୍‌ପି ତଥା ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଗତ ୨୩ ତାରିଖରେ ଗଡ଼ଜାତ ଗାନ୍ଧୀଙ୍କର ଏକ ସ୍ମାରକୀ ଡାକଟିକଟ ଉନ୍ମୋଚନ ଏକ ସ୍ମରଣୀୟ ପଦକ୍ଷେପ। ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସ ପୀଠରେ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍ୟମରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଉନ୍ନତୀକରଣ କାର୍ଯ୍ୟ ଜାରି ରଖିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ଉଦ୍ୟମରେ ଢେଙ୍କାନାଳର ବିକାଶ ପାଇଁ ଗୁଣ୍ଡୁଚି ମୁଷାଟିଏ ହୋଇ ପ୍ରଚେଷ୍ଟା ଜାରି ରଖିବି। ଢେଙ୍କାନାଳରେ ଭାଜପାକୁ ଆହୁରି ସଶକ୍ତ କରିବା ସହିତ ରାଜ୍ୟରେ ଚାଲିଥିବା ଦୁର୍ନୀତି, ଭ୍ରଷ୍ଟାଚାର ଓ ମାଫିଆରାଜ ଶାସନର ଅବସାନ ପାଇଁ ଯାହା ନିର୍ଦ୍ଦେଶ ରହିବ ପାଳନ କରାଯିବ ବୋଲି ପୂର୍ବତନ ବିଧାୟକ ପ୍ରକାଶ କରିଛନ୍ତି।


ଭାଜପାରେ ଯୋଗଦାନ ପରେ ପୂର୍ବତନ ବିଧାୟକ ନବୀନ ନନ୍ଦ।

# ବିଶ୍ୱ ପୋଲିଓ ଦିବସ ପାଳିତ

ଢେଙ୍କାନାଳ,୩।୩(ରତନ ନାୟାର)

ଢେଙ୍କାନାଳ ରୋଟାରି କ୍ଲବ ଓ ଜିଲା ପ୍ରଶାସନ ତରଫରୁ ରବିବାର ବିଶ୍ୱ ପୋଲିଓ ଦିବସ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ଠାରେ ପାଳନ କରାଯାଇଛି। ଢେଙ୍କାନାଳ ମୁଖ୍ୟ ବସ୍‌ଷ୍ଟାଣ୍ଡ ଓ ରେଲ୍‌ୱେ ଷ୍ଟେଶନ୍ ପାଖରେ ୨ଟି କ୍ୟାମ୍ପ କରାଯାଇ ଜନ୍ମରୁ ୫ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ୨ ବୁନ୍ଦା ପୋଲିଓ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରୋଟାରି କ୍ଲବ ସଭାପତି ଡା. ଅବୋଧ ମହାପାତ୍ର, ସଦସ୍ୟ ଗୌର ସୌରାଗୀ, ତପନ ପାଲ, ବିଶ୍ୱଜିତ ଦାସଗୁପ୍ତା, ବିନୋଦ ଅଗ୍ରୱାଲ, ନିରଦାନନ୍ଦ ନନ୍ଦ, ରାଜେନ୍ଦ୍ର ହିଣ୍ଡୋଚା, ମହେଶ ଅଗ୍ରୱାଲ ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀ ରେଖା ସିଂ, ବଦ୍ରିନାଥ ବରାଳ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।


ରୋଟାରି କ୍ଲବ ପକ୍ଷରୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଉଛି।

# ଜେ.ଏନ୍. ଟାଟାଙ୍କ ୧୮୫ତମ ଜୟନ୍ତୀ


ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ଜେଏନ୍ ଟାଟାଙ୍କ ୧୮୫ତମ ଜୟନ୍ତୀ ପାଳିତ

ଢେଙ୍କାନାଳ,୩।୩(ରତନ ନାୟାର)

ଢେଙ୍କାନାଳ ଜିଲା ଟାଟାଷ୍ଟିଲ ମେରାମଣ୍ଡଳୀ(ଟିଏସ୍‌ଏମ୍) ପକ୍ଷରୁ କାରଖାନା ପରିସରରେ ରବିବାର ଜାମସେଦଜୀ ନୁସେରୱାନଜୀ ଟାଟାଙ୍କ ୧୮୫ ତମ ଜୟନ୍ତୀକୁ କମ୍ପାନୀର ପ୍ରତିଷ୍ଠାତାଙ୍କ ଦିବସ ଭାବେ ପାଳନ କରାଯାଇଛି। ଟିଏସ୍‌ଏମ୍ ପ୍ରକଳ୍ପ ଓ ନିର୍ମାଣ ମୁଖ୍ୟ ଅନିଲ କୁମାର ସିଂ ଓ ଟିଏସ୍‌ଏମ୍‌ର ମେକାନିକାଲ ଏବଂ ମେଣ୍ଟେନାନ୍ସ, ଷ୍ଟିଲ ଆଣ୍ଡ୍ ମିଲ ମୁଖ୍ୟ କାରୀ ମଣିବାବୁଙ୍କ ସମେତ ବରିଷ୍ଠ ନେତୃମଣ୍ଡଳୀ, ଅଧିକାରୀ ଓ କର୍ମଚାରୀମାନେ ପ୍ରତିଷ୍ଠାତା ଜେଏନ୍ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଉତ୍ସବ ପାଳନର ଅଂଶସ୍ୱରୁପ ହାଉସିଂ କଲୋନୀରେ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ଭଲିବଲ ମ୍ୟାଚ, ବାସ୍କେଟ୍ ବଲ ମ୍ୟାଚ ଓ ବିଭିନ୍ନ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଟାଟାଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ମଙ୍ଗଳପୁର ପଞ୍ଚାୟତରେ ଏକ ଭଲିବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଏଥିରେ ଆଖପାଖ ଗ୍ରାମରୁ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ ଚାମ୍ପିୟନଶିପ୍ ପାଇଁ ଚୟନ ହୋଇଥିବା ୧୫ଜଣ ଭଲିଭଲ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅଗ୍ନି ବିପନ୍ନଙ୍କୁ ସହାୟତା

କାମାକ୍ଷାନଗର,୩।୩(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବଡ଼ବନ୍ଧ ଝରାସାହିରେ ଗତ ୨୩ ତାରିଖରେ ଅଗ୍ନିକାଣ୍ଡ ଘଟି ସୁରେନ୍ଦ୍ର ସାମଲଙ୍କ ଘର ଜଳି ଯାଇଥିଲା। ଏଥିରେ ପରିବାର ଲୋକଙ୍କ ପିନ୍ଧା ଲୁଗା ସହ ସମସ୍ତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିଲା। ପରିବାର ଲୋକ ଅସହାୟ ହୋଇପଡ଼ିଥିବା ସମୟରେ କାମାକ୍ଷାନଗର ବିରଜା କୋଚିଂ ସେଣ୍ଟର ତରଫରୁ ଅଗ୍ନିବିପନ୍ନଙ୍କୁ ଖାଦ୍ୟ ସାମଗ୍ରୀ ସହିତ ଲୁଗା, ପିଲାଙ୍କ ପାଠ୍ୟ ପୁସ୍ତକ ପ୍ରଦାନ କରାଯାଇଥିଲା। ମାନବସେବା ମାଧବ ସେବାର ସଦସ୍ୟ ସୁମିତ୍ରା ନାୟକ, ବିନୋଦ କୁମାର ସାହୁ, ପ୍ରସନ୍ନ ନାୟକ, ଭବାନୀ ଦାସ, ଗନ୍ଧର୍ବ କାଣ୍ଡି, ଆଇନଜୀବୀ ଅଶୋକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ଅଗ୍ନିବିପନ୍ନଙ୍କୁ ଖାଦ୍ୟ ସାମଗ୍ରୀ ସହିତ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଉଛି।

# ଔଷଧ ବିକ୍ରେତା ସଂଘର ବୈଠକ

କାମାକ୍ଷାନଗର,୩।୩(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଔଷଧ ବିକ୍ରେତା ସଂଘର ଏକ ଜରୁରୀ ବୈଠକ ଶନିବାର ଅପରାହ୍ନରେ ମୁଣ୍ଡିଦେଉଳିଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ଉପ ସଭାପତି ସୁବାସ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସହର ମଧ୍ୟରେ ଆନ୍ତଃରାଜ୍ୟ ଔଷଧ ବିକ୍ରେତା କମ୍ପାନୀକୁ ବିରୋଧ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଫାଟକକୁ ବନ୍ଦ କରିବା ପାଇଁ ସରକାର ସ୍ତରରେ ନିଷ୍ପତ୍ତି ହୋଇଥିବାରୁ ତାହାର ପ୍ରତିବାଦ କରିବା ସହ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବା ପାଇଁ ସ୍ଥିର ହୋଇଥିଲା। ଏଥିସହିତ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ପ୍ରତାପ ସାହୁ, ଦୁଷ୍ମନ୍ତ ନନ୍ଦ, କୋଷାଧ୍ୟକ୍ଷ ରାମକୃଷ୍ଣ ବିଶ୍ୱାଳ, ହଟକିଶୋର ବିଶ୍ୱାଳ, ଦେବୀପ୍ରସାଦ ଦାସ, ସୁବୋଧ ବେହେରାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।




# ଭାଜପାର ଗାଁକୁ ଚାଲ ଅଭିଯାନ

ସାତମାଇଲ,୩।୩(ସୁଶାନ୍ତ ପତି)

ହିନ୍ଦୋଳ ବ୍ଲକ ଚିଉଳପୁର ପଞ୍ଚାୟତ ପଞ୍ଚପଡା ଗ୍ରାମରେ ଗାଁକୁ ଚାଲ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ୧୩୧ନଂ. ବୁଥରେ ବୁଥ୍ ସଭାପତି ଜିତେନ ପତି ଏବଂ ୧୩୨ ନଂ. ବୁଥରେ ବୁଥ ସଭାପତି ମୃତ୍ୟୁଞ୍ଜୟ ପାଳଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପାର ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ବାବନ୍ଧ ମଣ୍ଡଳ ସାଧାରଣ ସମ୍ପାଦକ ବାନାମ୍ବର ପତି ଓ ଜିଲା କମିଟି ସଦସ୍ୟ ଶଙ୍କର୍ଷଣ ପାଳ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନା ଗୁଡିକ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ପରଲୋକଗତ ଶିବରାମ ପାଳଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ।

# ଭାଜପା ପକ୍ଷରୁ ନାରୀଶକ୍ତି ବନ୍ଦନ ଅଭିଯାନ


ଭାଜପା ପକ୍ଷରୁ ନାରୀଶକ୍ତି ବନ୍ଦନ ଅଭିଯାନରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

ଢେଙ୍କାନାଳ,୩।୩(ରତନ ନାୟାର)

ଢେଙ୍କାନାଳ ସହର ଦୋଳମଣ୍ଡପ ସାହିସ୍ଥିତ ଶମ୍ଭୁଗୋପାଳ ମଠ ପରିସରରେ ଭାଜପା ପକ୍ଷରୁ ନାରୀଶକ୍ତି ବନ୍ଦନ ଅଭିଯାନ କାର୍ଯ୍ୟକ୍ରମ ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭାଜପାର ରାଷ୍ଟ୍ରୀୟ ଉପସଭାନେତ୍ରୀ ତଥା ରାଜ୍ୟ ନିର୍ବାଚନ ସହ ପ୍ରଭାରୀ ଲତା ଉସେଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ନାରୀ ଜାତିକୁ ସଶକ୍ତ କରିବା, ସୁରକ୍ଷା ଓ ସମ୍ମାନ ପାଇଁ ପ୍ରଧାନମନ୍ତ୍ରୀ ନାରୀ ଶକ୍ତି ବନ୍ଦନ ଯୋଜନା ପ୍ରଣୟନ କରିଛନ୍ତି। ସେମାନଙ୍କ ପାଇଁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ବଣ୍ଟନ, ସ୍ୱଚ୍ଛ ଭାରତ ଯୋଜନା, ବେଟି ପଢାଓ ବେଟି ବଚାଓ, ସୁକନ୍ୟା, ତିନ୍ ତଲାକ ସମେତ ଅନେକ ଗୁଡିଏ ଯୋଜନା ପ୍ରଣୟନ କରିଛନ୍ତି। ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ରାଜ୍ୟ ଉପସଭାନେତ୍ରୀ ସୁକେଶି ଓରାମ, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ପାଇଁ ଆର୍ଥିକ ଓ ସାମାଜିକ ସୁରକ୍ଷା ପାଇଁ ମୋଦି ଗ୍ୟାରେଣ୍ଟି ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ମହିଳା ଉପ ସଭାନେତ୍ରୀ ଭାରତୀ ସ୍ୱାଇଁ, ମିଡିଆ ପ୍ରଭାରୀ ନବ କିଶୋର ଗୁରୁ, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ଜିଲା ଯୁବମୋର୍ଚ୍ଚା ଜିଲା ସଭାପତି ମହାଦୀପ ଯଶୋବନ୍ତ ମହିମା, ପଦ୍ମଭୂଷଣ ସାହୁ, ବିକାଶ ସାହୁ, ସମସ୍ତ ମହିଳା କାଉନସିଲର, ନଗରମଣ୍ଡଳ ସଭାପତି ଧ୍ରୁବଚରଣ ସ୍ୱାଇଁଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

## ବାପାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,(ପରିକ୍ଷିତ ସାହୁ): କିଶୋରନଗର ଥାନା ଘୋଷର ଗ୍ରାମର ସୁବାସ ପ୍ରଧାନଙ୍କୁ ତାଙ୍କ ପୁଅ ସୁଧାକର ପ୍ରଧାନ ମାଡ଼ ମାରିଥିବା ରବିବାର ଥାନାରେ ସୁବାସ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୪୯/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ସୁବାସଙ୍କୁ ସୁଧାକର ଖାଇବାକୁ ନ ଦେଇ ବିନା କାରଣରେ ମାଡ଼ ମାରୁଛନ୍ତି। ରବିବାର ସେ ଘରେ ଥିବାବେଳେ ବିନା କାରଣରେ ତାଙ୍କୁ ମାଡ଼ ମାରିବା ସହ ତାଙ୍କ ହାତକୁ କାମୁଡି ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ୧୨,୯୮୨ ଶିଶୁଙ୍କୁ ପୋଲିଓ ବୁନ୍ଦା



କଣିହାଁ,୩।୩(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକରେ ୩ ଦିନିଆ ପଲସ୍ ପୋଲିଓ କାର୍ଯ୍ୟକ୍ରମ ରବିବାରଠାରୁ ଆରମ୍ଭ ହୋଇଛି। କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ବ୍ଲକ ଜନସ୍ୱାସ୍ଥ୍ୟ ଚିକିତ୍ସା ଅଧିକାରୀ ଡା. ସୁମନ୍ତ କୁମାର ପଟେଲ ଏହାକୁ ଉଦ୍‌ଘାଟନ କରି ଜନ୍ମରୁ ୫ବର୍ଷର ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରିଥିଲେ। ୧୫୨ଟି ପୋଲିଓ କେନ୍ଦ୍ର ଓ ତିନୋଟି ବସ୍‌ଷ୍ଟାଣ୍ଡରେ ପ୍ରଥମ ଦିବସରେ ୧୨,୯୮୨ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଥିଲା। ଏଥିପାଇଁ ୩୦୮ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଡାକ୍ତର କର୍ମଚାରୀ ସହଯୋଗ କରୁଥିବା ବିପିଏମ୍ ସରୋଜ କୁମାର ଦାସ ସୂଚନା ଦେଇଛନ୍ତି।

# ମନଇଚ୍ଛା ରାସ୍ତା ଖୋଳୁଛି ଠିକା ସଂସ୍ଥା

ଖମାର,୩।୩ (ରଜନୀକାନ୍ତ ମହାରଣା)

ପାଲଲହଡ଼ା ଉପଖଣ୍ଡ ଖମାର ଥାନା ଶଙ୍ଖପୁର ଠାରେ ଏକ ଠିକା ସଂସ୍ଥା ବିନା ଅନୁମତିରେ ପୂର୍ତ୍ତ ବିଭାଗ ରାସ୍ତା ଖୋଳି ଦେଇଥିବା ଅଭିଯୋଗ ହୋଇଛି। ଉକ୍ତ ସଂସ୍ଥା ବାରମ୍ବାର ଏପରି କରୁଥିବାରୁ ଗମନାଗମନରେ ଅସୁବିଧା ଭୋଗୁଥିବା ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଉକ୍ତ ଠିକା ସଂସ୍ଥା ବୃହତ୍ ମେଗା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ଅଛି। ତେଣୁ ଠିକା ସଂସ୍ଥା ପକ୍ଷରୁ ଅଞ୍ଚଳର ବିଭିନ୍ନ ସ୍ଥାନରେ ପାଇପ୍ ବିଛାଇବା କାମ କରାଯାଉଛି। କିନ୍ତୁ ସଂସ୍ଥା ପକ୍ଷରୁ ବିଭାଗୀୟ ଅନୁମତି ନିଆ ନ ଯାଇ ମନଇଚ୍ଛା ବିଭିନ୍ନ ସ୍ଥାନରେ ରାସ୍ତାକୁ ଖୋଳି ଦିଆଯାଉଛି। ଏପରି କି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ କରି ପାଇପ୍ ପକାଯାଉଥିବା ବେଳେ କୌଣସି ଅନୁମତି ନ ନେବା ଲୋକଙ୍କ ମଧ୍ୟରେ ଅସନ୍ତୋଷର କାରଣ ହୋଇଛି। ପାଲଲହଡା ଉପଖଣ୍ଡର ବହୁ ପଞ୍ଚାୟତରେ ସଂସ୍ଥା ଏଭଳି ମନମୁଖି କାର୍ଯ୍ୟ କରୁଥିବାରୁ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗତ ଶନିବାର ଖମାର-ରେଙ୍ଗାଳି ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାକୁ ମଝିରୁ ଖୋଳି ପାଇପ୍ ପକାଇବା ବେଳେ ଲୋକେ ବିରୋଧ କରିବା ସହିତ କାର୍ଯ୍ୟ ବନ୍ଦ କରିଥିଲେ। ହେଲେ ଠିକା ସଂସ୍ଥାର କର୍ମଚାରୀ ନାଲି ଆଖି ଦେଖାଇବା ସହ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ମୌଖିକ ଭାବେ ଅନୁମତି ଦେଇଥିବା ପ୍ରକାଶ କରିଥିଲେ। ଏ ସମ୍ପର୍କରେ ପାଲଲହଡା ପୂର୍ତ୍ତ ବିଭାଗ ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ବିକାଶ ପାଣି କହିଛନ୍ତି, ଉକ୍ତ ଠିକା ସଂସ୍ଥାକୁ କୌଣସି ପ୍ରକାର ଅନୁମତି ଦିଆଯାଇ ନାହିଁ। ଠିକା ସଂସ୍ଥା ବିରୋଧରେ ପୂର୍ବରୁ ଏ ନେଇ ଥାନାରେ ଅଭିଯୋଗ କରାଯାଇଛି।



ଖମାର-ରେଙ୍ଗାଳି ପୂର୍ତ୍ତ ବିଭାଗ ରାସ୍ତାର ଶଙ୍ଖପୁରଠାରେ ଠିକାସଂସ୍ଥା ରାସ୍ତା ଖୋଳି ଦେଇଛି।

# ରାସ୍ତା ଉପରେ ନଗରପାଳଙ୍କ ଗାଡ଼ି ପାର୍କିଂ

## କଲୋନି ରାସ୍ତା ଜାମ୍, ତୀବ୍ର ଅସନ୍ତୋଷ

ଅନୁଗୋଳ,୩।୩ (ଅମିତ କୁମାର ସାମଲ)

ଅନୁଗୋଳ ଅମଲାପଡ଼ାର ୫ମ ଲେନ୍‌ରୁ ୬ଷ୍ଠ ଲେନ୍‌କୁ ସଂଯୋଗ କରୁଥିବା ରାସ୍ତା ଉପରେ ରବିବାର ନଗରପାଳ ଅକ୍ଷୟ କୁମାର ସାମନ୍ତଙ୍କ ଗାଡ଼ି ପାର୍କିଂକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଦୀର୍ଘ ସମୟ ଧରି ରାସ୍ତା ଉପରେ ନଗରପାଳଙ୍କ ଗାଡ଼ି ଠିଆ ହୋଇ ରହିବାରୁ ଉକ୍ତ ଲେନ୍‌ରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପଛକୁ ପଛ ଅପେକ୍ଷା କରିଥିବା ଗାଡ଼ିଗୁଡ଼ିକ ଲମ୍ବା ହର୍ନ ମାରିଚାଲିଥିଲେ ମଧ୍ୟ ନଗରପାଳଙ୍କ ଗାଡ଼ି ରାସ୍ତାରୁ ହଟି ନ ଥିଲା। ଫଳରେ ଗାଡ଼ିଗୁଡ଼ିକର ହର୍ନରେ ସ୍ଥାନୀୟ ଅଞ୍ଚଳବାସୀ ଅତିଷ୍ଠ ହୋଇପଡ଼ିଥିଲେ। ଅନେକ ସମୟରେ ଏହି ରାସ୍ତା ନଗରପାଳଙ୍କ ଗାଡ଼ି ପାର୍କିଂ ସ୍ଥାନ ପାଲଟିଥିବା କେତେଜଣ ବାସିନ୍ଦା ଅଭିଯୋଗ କରିଛନ୍ତି। ଏ ନେଇ ନଗରପାଳଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିବାରୁ ମତାମତ ମିଳିପାରି ନାହିଁ।




# ଚକାଡ଼ୋଲା କ୍ରିକେଟ୍ ଟୁର୍ନାମେଣ୍ଟ ଆରମ୍ଭ

ଅନୁଗୋଳ,୩।୩ (ଅମିତ କୁମାର ସାମଲ)

ଅନୁଗୋଳ ପୌରାଞ୍ଚଳ ଓ ପଞ୍ଚାୟତକୁ ନେଇ ଆୟୋଜିତ ଚକାଡ଼ୋଲା କ୍ରିକେଟ୍ ଟୁର୍ନାମେଣ୍ଟ ସ୍ଥାନୀୟ ବଣିଆବାହାଳ ଉଚ୍ଚ ବିଦ୍ୟାଳୟଠାରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଗୋଳ ସହର ଭାଜପା ଯୁବ ସଭାପତି ସୌମ୍ୟରଞ୍ଜନ ସାହୁ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିବାବେଳେ ନୂଆମୌଜା ସରପଞ୍ଚ ବିକାଶ ଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟରେ ଅନୁଗୋଳ ସହରାଞ୍ଚଳର ୩ଟି ଓ ଲିଙ୍ଗରାଯୋଡ଼ି ପଞ୍ଚାୟତର ଗୋଟିଏ ଦଳ ଅଂଶ ଗ୍ରହଣ କରିଛନ୍ତି।

# ମୃତ ଚାଷୀଙ୍କ ପରିବାରକୁ ଭେଟିଲା ଭାଜପା କୃଷକ ମୋର୍ଚ୍ଚା

ଛେଣ୍ଡିପଦା,୩।୩(ଅଜିତ ଧଳ)

ଋଣ ଭାର ସହି ନ ପାରି ଆତ୍ମହତ୍ୟା କରିଥିବା ଛେଣ୍ଡିପଦା ଥାନା ସାପୋଇସାହି ଗ୍ରାମରେ ଯୁବ ଚାଷୀ ତ୍ରିନାଥ ପ୍ରଧାନଙ୍କ ପରିବାର ବର୍ଗଙ୍କୁ ରବିବାର ଭାଜପାର କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଭେଟି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅନୁଗୋଳ ଜିଲାର ରାଜସ୍ୱ ବିଭାଗ ଓ କୃଷି ବିଭାଗର କୌଣସି ଅଧିକାରୀ ଏହି ଚାଷୀ ଆତ୍ମହତ୍ୟା ଘଟଣାର ତଦନ୍ତ କରି ନ ଥିବା ଭାଜପା ପ୍ରତିନିଧି ଦଳ କହିବା ସହ ଏହାକୁ ଦୃଢ ନିନ୍ଦା କରିଥିଲେ। ମୃତ ଚାଷୀଙ୍କ ପରିବାରକୁ ସରକାର ତୁରନ୍ତ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଏବଂ ଅନୁଗୋଳ ଜିଲାପାଳ ରେଡକ୍ରସ୍ ପାଣ୍ଠିରୁ ଶୁଦ୍ଧିକ୍ରିୟା ପାଇଁ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରିବା ପାଇଁ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଦାବି କରିଛନ୍ତି। ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କୃଷକ ମୋର୍ଚ୍ଚା ସଭାପତି ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, କୃଷକ ମୋର୍ଚ୍ଚା ଜିଲା ସଭାପତି ବିଜୟ ମାଝି, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ପ୍ରଶାନ୍ତ ପୃଷ୍ଟି, ଅକ୍ଷୟପାଦ ବେହେରା, ଭାଜପା ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରଧାନ, ପ୍ରଭାତ ବେହେରା, ସୁଶାନ୍ତ ସାହୁ, ନୀଳକଣ୍ଠ ସାହୁ, ଜୀବନାନନ୍ଦ ସାହୁ, ବିନୋଦ ପ୍ରଧାନ ଓ ରୋଜାଲିନ ଦାସ ପ୍ରମୁଖ ସାମିଲ ଥିଲେ।



# ବୀମା କରିବାକୁ କହି ଆକାଉଣ୍ଟରୁ ଟଙ୍କା ଚଳୁ

ଅନୁଗୋଳ,୩।୩
(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ତାଳଚେର ଥାନା ଅଞ୍ଚଳର ବୀରବର ବାରିକ ସାଇବର ଠକେଇର ଶିକାର ହୋଇଛନ୍ତି। ଏ ନେଇ ସେ ତାଳଚେର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୮୬/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ବୀରବରଙ୍କୁ ଗତ ଡିସେମ୍ବରରେ ଏକ ଅଜଣା ନମ୍ବରରୁ ଫୋନ୍ ଆସିଥିଲା। ସେ କ୍ରେଡିଟ୍ କାର୍ଡ ବ୍ୟବହାର କରୁଥିବାରୁ ତାଙ୍କୁ ବୀମା କରିବାକୁ ଗ୍ରାହକ ସେବା କେନ୍ଦ୍ରରୁ ଫୋନ୍ କରିଥିବା ଠକ ଜଣଙ୍କ କହିଥିଲେ। ଏହାପରେ କ୍ରେଡିଟ୍ କାର୍ଡର ତଥ୍ୟ ବୀରବର ଦେବା ପରେ ତାଙ୍କ ଆକାଉଣ୍ଟରୁ ୯୫ ହଜାର ଟଙ୍କା ଚଳୁ ହୋଇଯାଇଥିଲା।



ଅନୁଗୋଳ ସହରର ଏକ କେନ୍ଦ୍ରରେ ପିଲାଙ୍କୁ ପୋଲିଓ ବୁନ୍ଦା ଦିଆଯାଉଛି। (ଫଟୋ- ବୁବୁ)

# ଆଜି କେନ୍ଦ୍ରମନ୍ତ୍ରୀଙ୍କ ଅନୁଗୋଳ ଗସ୍ତ



ଅନୁଗୋଳ (ଅମିତ କୁମାର ସାମଲ)/
ତାଳଚେର,୩।୩ (ମନୋଜ ନନ୍ଦ)

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୪ ତାରିଖ ସୋମବାର ଅନୁଗୋଳ ଜିଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ଅବସରରେ କେନ୍ଦ୍ରମନ୍ତ୍ରୀ ଜିଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେବେ। ସୋମବାର ଅପରାହ୍ଣ ୧ଟାରେ କେନ୍ଦ୍ରମନ୍ତ୍ରୀ ତାଳଚେରରେ ପହଞ୍ଚି ତାଳଚେର ପୌରାଞ୍ଚଳ ୧୮ ନମ୍ବର ୱାର୍ଡ ଦେଉଳବେଡା ତେଲିସାହିରେ ନିର୍ମିତ କମ୍ୟୁନିଟି ସେଣ୍ଟର ଓ ଗ୍ରାମର ଗେଟ୍‌କୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ଅନୁଗୋଳ ଯାଇ ରାଣୀଗୁଡା ରେଲ୍‌ୱେ ଷ୍ଟେଶନ କଲୋନୀ ଠାରେ କେନ୍ଦ୍ରୀୟ ବିଦ୍ୟାଳୟ-୨ର ନୂତନ ବିଲଡିଂକୁ ଉଦ୍‌ଘାଟନ କରିବେ। ଏହାପରେ ବନ୍ତଳାରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବେ। ଅନୁଗୋଳ ଅମଲାପଡାଠାରେ ନୂତନ ଭାବେ ସ୍କିଲ ଇଣ୍ଡିଆ ସେଣ୍ଟରକୁ ଉଦ୍‌ଘାଟନ କରିବେ। ଅନୁଗୋଳ ଶିମିଳିପଡାଠାରେ ଜନ ଶିକ୍ଷଣ ସଂସ୍ଥାନ ଉଦ୍‌ଘାଟନ କରିବେ। ପରେ ନାଲ୍‌କୋନଗରଠାରେ ମ୍ୟାନେଜମେଣ୍ଟ ଏଜୁକେଶନ ଟ୍ରେନିଂ ଇନଷ୍ଟିଚ୍ୟୁଟ୍‌କୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ ପ୍ରକାଶ କରିଛନ୍ତି।

# ଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ



ବଇଣ୍ଡା,୩।୩(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମରେ ଥିବା ଶୈବପୀଠରେ ଆସନ୍ତା ଶୁକ୍ରବାର ମହାଶିବ ରାତ୍ରି ପାଳନ ହେବ। ଏ ନେଇ ଶନିବାର ସାପ୍ତାହିକ ହାଟ ପଡିଆରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସମ୍ପାଦକ ଲକ୍ଷ୍ମୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗ୍ରାମ ସଭାପତି ରାଜ ଅଗ୍ରୱାଲା, ମନ୍ଦିର ପୂଜକ ହଡା ମହାପାତ୍ର, ସହ ସମ୍ପାଦକ ପରିକ୍ଷିତ ସାହୁ, ସଞ୍ଜୟ ସାହୁ, କୋଷାଧ୍ୟକ୍ଷ ବିନୀତ ସାହା, ଶୁଭେନ୍ଦୁ ସାହୁ, ଜଳଧର ସାହୁ, ରମେଶ ଟିବ୍ରୁୱାଲା, ଗିରିଶ ଚନ୍ଦ୍ର ବେହେରା, ଲଛମନ ଦାସ, ଜନ୍ମେଶ୍ୱର ବେହେରା, ପ୍ରକାଶ ଚନ୍ଦ୍ର ମିଶ୍ର, ଜିତେନ୍ଦ୍ର ବେହେରା, ସନ୍ତୋଷ ସାହୁଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। କିଭଳି ଶିବରାତ୍ରୀ ପାଳନ ହେବ ସେ ସମ୍ପର୍କ ଆଲୋଚନା କରାଯାଇଥିଲା। ମନ୍ଦିର ପୂଜା କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ଧୁମ୍‌ଧାମରେ ପୂଜା ହେବା ନେଇ ସହଯୋଗ ଲୋଡ଼ା ଯାଇଥିଲା। ଏଥିରେ ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେବା ସହ ଭକ୍ତଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯିବା ପାଇଁ ନିଷ୍ପତ୍ତି ହୋଇଛି।

# ୯ ବନ ସୁରକ୍ଷା ସମିତି ଗୃହ ଉଦ୍‌ଘାଟିତ

ବଇଣ୍ଡା,୩।୩(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବାମୁର ବନାଞ୍ଚଳ ଅଧୀନରେ ଥିବା ଫୁଲଝରି, ଧଉରପାଳ, କୁଟାସିଙ୍ଗା, ହରିରାଜପୁର, ଝିଙ୍କିବାହାଲ, ସାହାଜବାହାଲି, ରଙ୍ଗମାଟିଆ, ଡାଳପକା, ବିଜାମାଳିହା ଆଦି ୯ଟି ବନ ସୁରକ୍ଷା ସମିତି ଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର କୌପୂଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସହକାରୀ ବନ ସଂରକ୍ଷକ ସଚ୍ଚିଦାନନ୍ଦ ସେଠୀ, ବାମୁର ବନାଞ୍ଚଳ ଅଧିକାରୀ ସରୋଜ କମାର ମିଶ୍ର, ସରିଗିପାଲି ଫରେଷ୍ଟର ଲିଙ୍ଗରାଜ ବେହେରା, ବାମୁର୍ ବନପାଳ ଅନ୍ତର୍ଯ୍ୟାମୀ ସାହୁ, କିଶୋରନଗର ବନପାଳ ଶୁଭେନ୍ଦୁ ପ୍ରଧାନ, କଦଳୀମୁଣ୍ଡା ବନପାଳ ସୁରେନ୍ଦ୍ର ପାତ୍ର ଯୋଗ ଦେଇଥିଲେ।



# ଶକ୍ତି ପ୍ରଦର୍ଶନ କଲେ ଅର୍ଜୁନ ସାହୁ

ଆଠମଲ୍ଲିକ,୩।୩(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକର ସାମାଜିକ କର୍ମୀ ତଥା ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଗତ ୨୮ ତାରିଖରେ ଭାଜପାରେ ଯୋଗ ଦେଇଥିବା ଅର୍ଜୁନ କୁମାର ସାହୁଙ୍କୁ ରବିବାର ଆଠମଲ୍ଲିକରେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ଆଠମଲ୍ଲିକ-ଧଳପୁର ସେତୁ ନିକଟରୁ ତାଙ୍କୁ ଭାଜପା କର୍ମୀମାନେ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସହିତ ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ମନ୍ଦିର ନିକଟରେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ସେଠାରେ ଉପସ୍ଥିତ ଜିଲା ଭାଜପା ସଭାପତି ଦିଲେଶର ପ୍ରଧାନ, ଜିଲା ସମ୍ପାଦକ ଚିତ୍ତରଞ୍ଜନ ମେହେର, କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଠାକୁରଗଡ଼ ମଣ୍ଡଳ ସଭାପତି ଗଗନ ବିହାରୀ ବାରିକ, ଅଏଡା ମଣ୍ଡଳ ସଭାପତି ଅଜିତ ପ୍ରଧାନ, ବଇଣ୍ଡା ମଣ୍ଡଳ ସଭାପତି ବାନାମ୍ବର ପ୍ରଧାନ, କିଶୋରନଗର ମଣ୍ଡଳ ସଭାପତି ଅର୍ଜୁନ ପାଣ୍ଡେ, ଜିଲା ଯୁବମୋର୍ଚ୍ଚା ଉପ ସଭାପତି ସରୋଜ ସାହୁ, ନଗର ଭାଜପା ସଭାପତି ଅବନିକାନ୍ତ ପ୍ରଧାନ, ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ସହ ପ୍ରଭାରୀ ସୁଦୀପ୍ତ ସ୍ୱାଇଁ, ବରିଷ୍ଠ ନେତା ଅଜିତ ପ୍ରଧାନ, ଅରବିନ୍ଦ ସାହୁ, ଚୈତନ୍ୟ ସାହୁ, ଅଖିଳ ପ୍ରଧାନ, ରମେଶ ପ୍ରଧାନ, ବିଦ୍ୟାଧର ଚିନୋର, ରାଜେଶ ମିଶ୍ର ପ୍ରମୁଖ ସ୍ୱାଗତ କରିଥିଲେ।



ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ମନ୍ଦିର ନିକଟରେ ଅର୍ଜୁନ ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

# ଭାଜପାରେ ମିଶିଲେ ବିଜେଡି, କଂଗ୍ରେସ ନେତା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଭାଜପାର ବରିଷ୍ଠ କର୍ମକର୍ତ୍ତାମାନେ।

ଡେରଙ୍ଗ/କଣିହାଁ,୩।୩(ସଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ଡେରଙ୍ଗ ପଞ୍ଚାୟତ ଭାଜପା ପକ୍ଷରୁ ରବିବାର ଏକ ବିରାଟ ସାଧାରଣ ସଭା ଘଣ୍ଟିଆନାଳୀ ଆମ୍ବ ତୋଟାଠାରେ ମଣ୍ଡଳ ସଭାପତି ତ୍ରିପୁରାରି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଭାଜପାର ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ଶକ୍ତି କେନ୍ଦ୍ର କାର୍ଯ୍ୟକର୍ତ୍ତା ବିଚ୍ଛନ୍ଦ ଚରଣ ସାହୁ, ପବିତ୍ର ମୋହନ ସାହୁ, ସୁମନ୍ତ ପ୍ରଧାନ, ଦିଲୀପ ଦେହୁରୀ, ସନ୍ତୋଷ ନାୟକ, କାର୍ତ୍ତିକେଶର ବୋଇତା, ଟିକନ ମହାନ୍ତି, ସୁମନ୍ତ ମହାନ୍ତି, କାଠି ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ପାଣି ୨୫ ବର୍ଷର ବିଜେଡି ଶାସନରେ ରାଜ୍ୟରେ ନାରୀ ନିର୍ଯାତନା ଓ କୃଷକ ଆତ୍ମହତ୍ୟା ବୃଦ୍ଧି ପାଇଛି ବୋଲି କହିଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ଡେରଙ୍ଗ ପ୍ରତି ଶାସକ ଦଳର ଅବହେଳାକୁ ତୀବ୍ର ନିନ୍ଦା କରିଥିଲେ। ଦୀପ ତଳ ଅନ୍ଧାର ଭଳି ଘଣ୍ଟିଆନାଳୀ-ଡେରଙ୍ଗ ପୂର୍ତ୍ତ ବିଭାଗ ରାସ୍ତା କାହିଁକି ହୋଇପାରିଲା ନାହିଁ, ୨ଟି କାରଖାନା ଥିବା ବେଳେ ନିଯୁକ୍ତି ଓ ସ୍ଥାନୀୟ ବିକାଶ ନେଇ ବିଧାୟକ ଚୁପ କାହିଁକି ବୋଲି ପ୍ରଶ୍ନ କରିଥିଲେ। ଏହି ଅବସରରେ ବିଜେଡି ନେତା ତଥା ଡେରଙ୍ଗର ପୂର୍ବତନ ସରପଞ୍ଚ ଡିଲେଶ୍ୱର ସାହୁ, ସନ୍ତୋଷ ବେହେରା, ବିନୋଦ ସାହୁ, ଡେରଙ୍ଗର ସ୍ୱାଧୀନ ସରପଞ୍ଚ ସଂଯୁକ୍ତା ବେହେରା, ଯୁବ ନେତା ତାମିଲ ବେହେରାଙ୍କୁ ଅତିଥିମାନେ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ଭାଜପାକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡ ମେମ୍ବର, କଳାକାର ସାହୁ, ଟୁନା ସାହୁ, ସୁରେଶ ବେହେରା, ଦାଶରଥି ବେହେରା, ଦାଶରଥି ମହାନ୍ତି, ସନ୍ତୋଷ ସାହୁ ପ୍ରମୁଖଙ୍କ ସହିତ ୨ ହଜାରରୁ ଅଧିକ କର୍ମୀ ଉପସ୍ଥିତ ଥିଲେ। ଶେଷରେ ଲିପୁ ପ୍ରଧାନ ଧନ୍ୟବାଦ ଦେଇଥିଲେ।

